# NATIONAL NEWS BULLETIN (ODIA)
## 8 July - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବ୍ରାସିଲିଆ ଠାରେ ବ୍ରାଜିଲ୍ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ପ୍ରତିନିଧି ସ୍ତରୀୟ ଆଲୋଚନାରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଲକ୍ଷ୍ୟ ନେଇ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି, କହିଲେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ।
- ଶ୍ରୀକ୍ଷେତ୍ର ପୁରୀରେ ଚାଲିଛି ଚତୁର୍ଦ୍ଧା ମୂର୍ତ୍ତିଙ୍କର ନୀଳାଦ୍ରି ବିଜେ ।
- ଶିଶୁ ଏବଂ ଛୋଟ ପିଲାଙ୍କ ଲାଗି ଉଦ୍ଦିଷ୍ଟ ବିଶ୍ୱର ପ୍ରଥମ ମ୍ୟାଲେରିଆ ଔଷଧ ବ୍ୟବହାର ପାଇଁ ମିଳିଲା ଅନୁମତି ।

ଏବଂ

- ସ୍ପେନ୍‌ର ମାଦ୍ରିଦ୍ ଠାରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱକପ୍ ଚତୁର୍ଥ ପର୍ଯ୍ୟାୟ ତୀରଚାଳନା ପ୍ରତିଯୋଗିତା ।

# ପିଏମ୍-ବ୍ରାସିଲିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରାସିଲିଆଠାରେ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ଦ୍ୱିପାକ୍ଷିକ ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଏବଂ ଲୋକସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଏହି ଅବସରରେ ଦୁଇ ଦେଶ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ରିଓଡି ଜେନେରିଓ ଠାରେ  ସପ୍ତଦଶ ବ୍ରିକ୍ସ ସମ୍ମିଳନୀକୁ ସଫଳତାର ସହ ଶେଷ କରି ଆଜି ସକାଳେ ବ୍ରାସିଲିଆ ଠାରେ ପହଞ୍ଚିଛନ୍ତି । ବ୍ରାଜିଲର ପାରମ୍ପରିକ ସଂଗୀତ 'ସାମ୍ବାରେଗା' ପ୍ରଦର୍ଶନ ମାଧ୍ୟମରେ ତାଙ୍କୁ ବିମାନ ବନ୍ଦରଠାରେ ସ୍ୱାଗତ କରାଯାଇଥିଲା । ବିମାନ ବନ୍ଦରରେ ମଧ୍ୟ ପ୍ରବାସୀ ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ବ୍ରାଜିଲ୍ ଗସ୍ତ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ପଞ୍ଚ ରାଷ୍ଟ୍ରୀୟ ଗସ୍ତ ଶେଷ ପର୍ଯ୍ୟାୟରେ ଆସନ୍ତାକାଲି ନାବିବିୟା ଗସ୍ତ କରିବେ ।

# ପିଏମ୍-ଜନଧନ

କାର୍ଯ୍ୟକ୍ଷମ ନ ଥିବା ପ୍ରଧାନମନ୍ତ୍ରୀ ଜନଧନ ଆକାଉଣ୍ଟ ଗୁଡ଼ିକୁ ବନ୍ଦ କରିବା ପାଇଁ ବ୍ୟାଙ୍କ୍ ଗୁଡ଼ିକୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏକ ବିବୃତ୍ତିରେ ଆଜି ମନ୍ତ୍ରଣାଳୟ କହିଛି, ନିଷ୍କ୍ରିୟ ରହୁଥିବା ଜନଧନ ଆକାଉଣ୍ଟ ଗୁଡ଼ିକ ଉପରେ ନିରନ୍ତର ନଜର ରଖାଯାଇଛି । ଆକାଉଣ୍ଟଧାରୀଙ୍କ ସହିତ ଯୋଗାଯୋଗ କରିବାକୁ ବ୍ୟାଙ୍କ୍ ଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ମଧ୍ୟ ପଦକ୍ଷେପ ନେବାକୁ ବ୍ୟାଙ୍କ୍ ଗୁଡ଼ିକୁ କୁହାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

ସୂଚନା ଯୋଗ୍ୟ ଏଭଳି ଆକାଉଣ୍ଟ ଗୁଡ଼ିକୁ ବନ୍ଦ କରିବା ପାଇଁ ଆର୍ଥିକ ସେବା ବିଭାଗ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ୍ ପ୍ରକାଶ ପାଇଥିଲା । ଅନ୍ୟ ପକ୍ଷରେ ଜନଧନ ଆକାଉଣ୍ଟ ଗୁଡ଼ିକର ମୋଟ୍ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡ଼ିଛି । ମନ୍ତ୍ରଣାଳୟ କହିଛି, ଜନଧନ ଯୋଜନା ଆକାଉଣ୍ଟ, ଜୀବନଜ୍ୟୋତି ବିମା ଯୋଜନା, ଅଟଳ ପେନ୍‌ସନ୍ ଯୋଜନା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସୁଫଳ ଯେପରି ଅଧିକରୁ ଅଧିକ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ଏକ ତିନି ମାସିଆ ଅଭିଯାନ ଜାରି ରହିଛି ।

# ପ୍ଲାଣ୍ଟେସନ୍ ଡ୍ରାଇଭ୍-ଗଡ଼କରି

ଦେଶରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ଜାତୀୟ ରାଜପଥ ଗୁଡ଼ିକୁ ପରିବେଶ ଅନୁକୂଳ କରିବା ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି । ଫରିଦାବାଦ୍ ନୋଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦର କରିଡ଼ରରେ 'ଏକ୍ ପେଡ୍ ମା କେ ନାମ୍' ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଅନ୍ତର୍ଗତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ  ମନ୍ତ୍ରୀ ଶ୍ରୀ ଗଡ଼କରୀ ଏହା କହିଛନ୍ତି । ଦେଶ ବ୍ୟାପି ଜାତୀୟ ରାଜପଥରେ ଏ ପର୍ଯ୍ୟନ୍ତ ୪ କୋଟି ୭୮ ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଛି ବୋଲି ସେ କହିଛନ୍ତି । ଗତବର୍ଷ ୬୦ ଲକ୍ଷ ଚାରାରୋପଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୬୭ ଲକ୍ଷ ଚାରାରୋପଣ କରାଯାଇ ଏ କ୍ଷେତ୍ରରେ ୧୧୨ ପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ସେ କହିଛନ୍ତି ।

**V/O-NITIN-GADKARI**

ଏହି ଅବସରରେ ଶ୍ରୀ ଗଡ଼କରୀ ବାଉଁଶର ବ୍ୟବହାର ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି । ଏହାକୁ ଏକ ବହୁମୁଖୀ ଉଦ୍ୟୋଗ ଭାବେ ଶ୍ରୀ ଗଡ଼କରୀ ବର୍ଣ୍ଣନା କରିଛନ୍ତି । ଭାରତର ଅଟୋ ମୋବାଇଲ୍ ଶିଳ୍ପ ଜାପାନକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତମ ଶିଳ୍ପର ମାନ୍ୟତା ହାସଲ କରିଛି ବୋଲି ମନ୍ତ୍ରୀ ଶ୍ରୀ ଗଡ଼କରୀ ସୂଚନା ଦେଇଛନ୍ତି ।

## ଜିତେନ୍ଦ୍ର ସିଂହ-ରାଜସ୍ଥାନ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ରାଜସ୍ଥାନର ଧୋଲପୁର ବିଜ୍ଞାନ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଜାତୀୟ ଇମ୍ମ୍ୟୁନୋଲୋଜି ସଂସ୍ଥା ଦ୍ୱାରା ଏହି କେନ୍ଦ୍ର ବିଜ୍ଞାନ ସେତୁ ପଦକ୍ଷେପ ଅଧୀନରେ ପ୍ରତିଷ୍ଠା କରାଯାଇଛି । ଏହି ଅବସରରେ ଡକ୍ଟର ସିଂହ କହିଛନ୍ତି, ଯୁବବର୍ଗଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏକ ବିଜ୍ଞାନ ପ୍ରଦର୍ଶନୀକୁ ମନ୍ତ୍ରୀ ଡକ୍ଟର ସିଂହ ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜସ୍ଥାନର ଗୃହ ରାଷ୍ଟ୍ରମନ୍ତ୍ରୀ ଜବାହାର ସିଂହ ବେଧାମ ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳାଦ୍ରିବିଜେ

ନବଦିନାତ୍ମକ ଯାତ୍ରା ଶେଷ କରି ଶ୍ରୀକ୍ଷେତ୍ର ପୁରୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଆଜି ନୀଳାଦ୍ରି ବିଜେ ଅନୁଷ୍ଠିତ ହେଉଛି । ସନ୍ଧ୍ୟା ଆଳତୀ ଏବଂ ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ଭୋଇ ସେବକମାନେ ତିନି ରଥରେ ଚାରମାଳ ବାନ୍ଧିଛନ୍ତି । ପ୍ରଥମେ ମଦନମୋହନ ଏବଂ ରାମକୃଷ୍ଣ ବିଗ୍ରହଙ୍କୁ ଗୋଟି

ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରାଯିବ । ଏହାପରେ ପ୍ରଭୁ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରତ୍ନବେଦୀକୁ ବିଜେ କରିବେ । ଏବେ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ସମୟରେ ଅଭିମାନିନୀ ମା' ମହାଲକ୍ଷ୍ମୀ ଦ୍ୱାର ବନ୍ଦ କରିଦେବାର ପରମ୍ପରା ରହିଛି । କାଳିଆ ଠାକୁର, ମହାଲକ୍ଷ୍ମୀଙ୍କୁ ରସଗୋଲା ସହ ପାଟବସ୍ତ୍ର ଦେଇ ମାନଭଞ୍ଜନ କରିବେ । ଏହା ପରେ ମହାଲକ୍ଷ୍ମୀ କାଳିଆ ଠାକୁରଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେବେ । ଠାକୁରଙ୍କ ଏହି ଲୀଳା ଦର୍ଶନ କରିବା ପାଇଁ ଶ୍ରୀ କ୍ଷେତ୍ରରେ ଭକ୍ତଙ୍କର ପ୍ରବଳ ଗ୍ରହଳି ଲାଗି ରହିଛି । ଆସନ୍ତାକାଲିଠାରୁ ଶ୍ରୀମନ୍ଦିରରେ ନିଳାଚଳ ଅଭଡ଼ା ମିଳିବ ।

# ବେବି-ମ୍ୟାଲେରିଆ ଡ୍ରଗ୍

ଶିଶୁ ଏବଂ ଛୋଟ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ୱର ପ୍ରଥମ ମ୍ୟାଲେରିଆ ଔଷଧ ବ୍ୟବହାର ପାଇଁ ଅନୁମତି ମିଳିଛି । ଔଷଧ ନିର୍ମାତା କମ୍ପାନୀ ନୋଭାର୍ଟିସ୍ ଏହି ନୂତନ ମ୍ୟାଲେରିଆ ଔଷଧ କୋ-ଆର୍ଟେମ୍ ପାଇଁ ସୁଇସ୍ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମୋଦନ ଲାଭ କରିଛନ୍ତି । ୫ ବର୍ଷରୁ କମ୍ ବୟସ୍କ ଶିଶୁଙ୍କର ମ୍ୟାଲେରିଆ ଜନିତ ମୃତ୍ୟୁହାର ଅଧିକ ରହୁଥିବାରୁ ଏହି ଔଷଧର ଉପଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ । ଆଫ୍ରିକାରେ

ଆଗାମୀ କିଛି ସପ୍ତାହ ମଧ୍ୟରେ ଔଷଧର ଉତ୍ପାଦନ ଏବଂ ବିତରଣ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଆଶା କରାଯାଉଛି । ଆଫ୍ରିକା ମହାଦେଶରେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ ରହିଛି । ୨୦୨୩ ମସିହାରେ ମ୍ୟାଲେରିଆ ରୋଗରେ ବିଶ୍ୱରେ ପ୍ରାୟ ୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏ ପର୍ଯ୍ୟନ୍ତ ଶିଶୁ ଏବଂ ଛୋଟ ପିଲାମାନଙ୍କୁ ବଡ଼ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଔଷଧ ପରୀକ୍ଷାମୂଳକ ଭାବେ ପ୍ରଦାନ କରାଯାଇଥିଲା । କେତେକ କ୍ଷେତ୍ରରେ ଏହା ଓଭର ଡୋଜ୍ ହୋଇ ବିପଦ ସୃଷ୍ଟି କରୁଥିବା ଆକଳନ କରାଯାଇଛି ।

# ବିଜେପି-କୋଲକାତା କେସ୍ ରିପୋର୍ଟ୍

କୋଲକାତା ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ପଶ୍ଚିମବଙ୍ଗ ପୁଲିସ୍ ନିରପେକ୍ଷ ଭାବେ ତଦନ୍ତ କରୁନାହିଁ ବୋଲି ବିଜେପି ଅଭିଯୋଗ କରିଛି । ଦଳର ରାଜ୍ୟଶାଖା ପକ୍ଷରୁ ଆଜି ଏ ନେଇ ଏକ ରିପୋର୍ଟ୍ ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କୁ ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେପି ନେତା ଡକ୍ଟର ସତ୍ୟପାଲ ସିଂହ କହିଛନ୍ତି, ପୁଲିସ୍ ଏହି ମାମଲାର ତଥ୍ୟକୁ ହେର୍‌ଫେର୍ କରିଥିବା ସନ୍ଦେହ କରାଯାଉଛି । ଏହି ମାମଲାର ତଦନ୍ତ ପାଇଁ ଦଳ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା । ଡକ୍ଟର ସିଂହ କହିଛନ୍ତି, ଏହି ଘଟଣାରେ ମୁଖ୍ୟ

ଅଭିଯୁକ୍ତଙ୍କ ନାମ ଏଫ୍.ଆଇ.ଆର୍.ରୁ ବାଦ୍ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟର ଅପରାଧିଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

**V/O-SATYAPAL-SINGH-BJP**

୪ ସଦସ୍ୟ ବିଶିଷ୍ଟ ବିଜେପିର ଏହି କମିଟି ମାମଲାର ସ୍ୱାଧୀନ ନାୟିକ ତଦନ୍ତ କରିବାକୁ ରିପୋର୍ଟ୍‌ରେ ଉଲ୍ଲେଖ କରିଛି ।

# ଟେକ୍ସାସ୍ ଫ୍ଲଡ୍

ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ ଟେକ୍ସାସ୍ ଅଞ୍ଚଳରେ ଲଗାଣ ବର୍ଷା ଜନିତ ପ୍ରଳୟଙ୍କାରୀ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୦୪କୁ ବୃଦ୍ଧି ପାଇଛି । ୪୧ ଜଣ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ନିଖୋଜଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି । ତେଣୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ମଧ୍ୟ ଆଶଙ୍କା ପାଇଛି । ଅନେକ ମୃତ ଦେହ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନ ଥିବା କୁହାଯାଇଛି । କେର୍ କାଉଣ୍ଟି ଠାରେ ଅଧିକାଂଶର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସେଠାରେ ନଦୀକୂଳରେ ଥିବା ଏକ ବାଳିକା ଶିବିରରେ ବନ୍ୟା ଜଳ ପ୍ରବେଶ କରିବାରୁ ବହୁ ପିଲାଙ୍କର ଜୀବନହାନୀ ଘଟିଛି । ଏବେବି କେତେକ ପିଲା ନିଖୋଜ ଅଛନ୍ତି । ଶୁକ୍ରବାର ଭୋର୍ ସମୟରେ ମାତ୍ର ୪୫ ମିନିଟ୍ ମଧ୍ୟରେ

ନଦୀରେ ୨୬ ଫୁଟ୍ ଉଚ୍ଚତାର ଜଳ ଆସିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଗଣମାଧ୍ୟମ ରିପୋର୍ଟ୍‌ରୁ ସୂଚନା ମିଳିଛି ।

## ହଜ୍ ଆପ୍ଲିକେସନ୍

ଆସନ୍ତା ବର୍ଷ ହଜ୍ ଯାତ୍ରା ପାଇଁ ହଜ୍ କମିଟି ପକ୍ଷରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ସରକାରୀ ହଜ୍ ପୋର୍ଟାଲ୍ ଏବଂ ହଜ୍ ସୁବିଧା ମୋବାଇଲ୍ ଆପ୍ ମାଧ୍ୟମରେ ଇଚ୍ଛୁକ ଶ୍ରଦ୍ଧାଳୁ ଆବେଦନପତ୍ର ଦାଖଲ କରିପାରିବେ । ଚଳିତ ମାସ ଶେଷ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିବ ବୋଲି ହଜ୍ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ସଂଖ୍ୟା ଲଘୁ ବ୍ୟାପାର ମନ୍ତ୍ରଣାଳୟ କହିଛି, ଆବେଦନପତ୍ର ଦାଖଲ କରୁଥିବା ଶ୍ରଦ୍ଧାଳୁଙ୍କର ପାସ୍‌ପୋର୍ଟ୍ ସମୟସୀମା ଆସନ୍ତା ବର୍ଷ ଡିସେମ୍ବର ଶେଷ ପର୍ଯ୍ୟନ୍ତ  ବୈଧ ଥିବା ଜରୁରୀ ।

## ତୀରଚାଳନା ପ୍ରତିଯୋଗିତା

ସ୍ପେନ୍‌ର ମାଦ୍ରିଦ୍ ଠାରେ ଆଜିଠାରୁ ବିଶ୍ୱକପ୍ ଚତୁର୍ଥ ପର୍ଯ୍ୟାୟ ତୀରଚାଳନା ପ୍ରତିଯୋଗିତା ଆରମ୍ଭ ହେଉଛି । ଏଥିରେ ପୂର୍ବତନ ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଦୀପିକା କୁମାରୀ ଏବଂ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ

ପଦକ ବିଜୟିନୀ ଜ୍ୟୋତି ସୁରକ୍ଷା ଭେନମ୍‌ଙ୍କ ନେତୃତ୍ୱରେ ୧୬ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରୁଛନ୍ତି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୪୯ଟି ଦେଶର ୩୩୬ ଜଣ ପ୍ରତିଯୋଗି ଅଂଶଗ୍ରହଣ କରୁଛନ୍ତି । କମ୍ପାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଆଜିର ଉଦ୍‌ଘାଟନୀ ଦିବସରେ ଭାରତୀୟ ସମୟ ରାତି ୯ଟାରୁ ଆରମ୍ଭ ହେବ । ଆସନ୍ତାକାଲି ରିକର୍ଭ ଇଭେଣ୍ଟ ପାଇଁ ମ୍ୟାଚ୍ ଖେଳାଯିବ ।